# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 31st July - 2025

**************************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ କିଷାନ ସମ୍ପଦ ଯୋଜନାପାଇଁ ୬ ହଜାର ୫୨୦ କୋଟି ଟଙ୍କା ମଞ୍ଜୁର କଲେ କେନ୍ଦ୍ର କ୍ୟାବିନେଟ୍ ।

— ଓଡ଼ିଶା ସମେତ ୬ଟି ରାଜ୍ୟରେ ବହୁମୁଖୀ ରେଳପ୍ରକଳ୍ପକୁ ଅନୁମୋଦନ ।

- ଶିକ୍ଷକଙ୍କ ବଦଳିପାଇଁ ସାଂସଦ ଓ ବିଧାୟକଙ୍କ ସୁପାରିସ ସମ୍ପର୍କିତ ମାମଲାରେ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କଲେ ହାଇକୋର୍ଟ ।

- ଏକ୍ ପେଡ୍ ମା' କେ ନାମ ଅଭିଯାନ ଜନ ଆନ୍ଦୋଳନରେ ପରିଣତ ହୋଇଛି; କହିଲେ ମୁଖ୍ୟମନ୍ତ୍ରୀ ।

ଏବଂ

- ଭୁବନେଶ୍ୱର ଓ ଝାରସୁଗୁଡ଼ା ମଧ୍ୟରେ ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ ସିଧାସଳଖ ବିମାନ ଚଳାଚଳ ।

**Desk**

# କେନ୍ଦ୍ର କ୍ୟାବିନେଟ୍

କେନ୍ଦ୍ର କ୍ୟାବିନେଟ୍ ଆଜି ପ୍ରଧାନମନ୍ତ୍ରୀ କିଷାନ ସମ୍ପଦ ଯୋଜନା ପାଇଁ ୬ ହଜାର ୫୨୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏଥିରେ ୧୯ ଶହ ୨୦ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ରହିଛି। ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି :

***Voice (Baishnav)*** :.......

ଆର୍ଥିକ ବ୍ୟାପାର କ୍ୟାବିନେଟ୍ କମିଟି ଓଡ଼ିଶା ସମେତ ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, ବିହାର ଏବଂ ଝାଡ଼ଖଣ୍ଡର ୧୩ଟି ଜିଲ୍ଲାକୁ ଅନ୍ତର୍ଭୁକ୍ତ କରି ଚାରୋଟି ବହୁମୁଖୀ ରେଳ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପ ଭାରତୀୟ ରେଳବାଇର ବର୍ତ୍ତମାନର ନେଟୱ୍ୱର୍କକୁ ଆହୁରି ୫୭୪ କିଲୋମିଟର ବୃଦ୍ଧି କରିବ। ୧୧ ହଜାର ୧୬୯ କୋଟି ମୂଲ୍ୟରେ ହେବାକୁ ଥିବା ପ୍ରକଳ୍ପ କାର୍ଯ୍ୟ ୨୦୨୮-୨୯ ଆର୍ଥିକ ବର୍ଷ ସୁଦ୍ଧା ଶେଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

***BBSR/R***

# କ୍ୟାବିନେଟ୍

ରାଜ୍ୟ କ୍ୟାବିନେଟ୍ ବୈଠକ ଆସନ୍ତାକାଲି ଅପରାହ୍ଣରେ ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

***Desk***

# ଉପରାଷ୍ଟ୍ରପତି ନିର୍ବାଚନ

ଉପରାଷ୍ଟ୍ରପତି ନିର୍ବାଚନପାଇଁ ଇଲୋକ୍ଟୋରାଲ କଲେଜର ପ୍ରସ୍ତୁତି ଶେଷ ହୋଇଛି । ଖୁବ୍‌ଶୀଘ୍ର ନିର୍ବାଚନ ତାରିଖ ଘୋଷଣା କରାଯିବ ବୋଲି ଭାରତର ନିର୍ବାଚନ ଆୟୋଗ ପକ୍ଷରୁ କୁହାଯାଇଛି । ଉପରାଷ୍ଟ୍ରପତି ନିର୍ବାଚନପାଇଁ ସମ୍ବିଧାନର ଧାରା ୬୬ର ଉପଧାରା ୧ ଅନୁଯାୟୀ ଉଭୟ ରାଜ୍ୟସଭା ଓ ଲୋକସଭାର ସଦସ୍ୟଙ୍କଦ୍ୱାରା ନିର୍ବାଚିତ ହୋଇଥା'ନ୍ତି । ଗତ ୨୧ ତାରିଖରେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଜଗଦୀପ ଧନଖଡ଼ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେବା ପରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି ।

*Cuttack/R*

# ହାଇକୋର୍ଟ - ଶିକ୍ଷକ ବଦଳି

ଶିକ୍ଷକଙ୍କ ବଦଳିପାଇଁ ସାଂସଦ ଓ ବିଧାୟକଙ୍କ ସୁପାରିସ୍ ସମ୍ପର୍କିତ ମାମଲାର ଶୁଣାଣି କରି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି । ଏଥିସହ ଆବେଦନକାରୀ ଶିକ୍ଷକଙ୍କ ବଦଳି ନିର୍ଦ୍ଦେଶ ଉପରେ ଅନ୍ତରୀଣ ରହିତାଦେଶ ଜାରି କରାଯାଇଛି । ୪ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବାକୁ ହାଇକୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି । ପୂର୍ବରୁ ରାଜ୍ୟରେ ସାଂସଦ ଓ ବିଧାୟକଙ୍କ ସୁପାରିସକ୍ରମେ ଶିକ୍ଷକଙ୍କ ବଦଳି ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅନୁମତି ପ୍ରଦାନ କରାଯାଇଥିଲା । ବଦଳି ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ୍ କରି କେତେକ ଶିକ୍ଷକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

*Desk*

# ପି.ଏମ୍. କିଷାନ - ମୁଖ୍ୟମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ଶନିବାର ଦିନ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ଯୋଜନାର ହିତାଧିକାରୀମାନଙ୍କୁ ୨୦ତମ କିସ୍ତି ସହାୟତା ରାଶି ପ୍ରଦାନ କରିବେ। ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ମଧୁର ଜଳ ମତ୍ସ୍ୟପାଳନ ସଂସ୍ଥା - ସିଫାଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ

ମୋହନ ଚରଣ ମାଝୀ ଯୋଗଦେବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଥିବା ହିତାଧିକାରୀମାନଙ୍କ ସହ ମତବିନିମୟ କରିବେ । କୃଷକଙ୍କ ଆୟ ବୃଦ୍ଧି କରିବାରେ କୃଷି ଏବଂ ବୈଜ୍ଞାନିକ ପଦ୍ଧତି ଉପରେ ଆଲୋକପାତ କରିବାର କାର୍ଯ୍ୟସୂଚୀ ରହିଛି । କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଚାଷୀମାନେ ଯୋଗଦେବେ । ଦେଶର ୯ କୋଟି ୭୦ ଲକ୍ଷ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୨୦ ହଜାର ୫୦୦ କୋଟି ଟଙ୍କାର ସହାୟତା ରାଶି ପ୍ରେରଣ କରାଯିବ ।

***BBSR/R***

## ଏକ୍ ପେଡ୍ ମା' କେ ନାମ୍

ଏକ୍ ପେଡ୍ ମା' କେ ନାମ୍ କାର୍ଯ୍ୟକ୍ରମ ଜନ ଆନ୍ଦୋଳନରେ ପରିଣତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଏହି ଅଭିଯାନ ସମ୍ପର୍କିତ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ପଞ୍ଚାୟତ ସ୍ତରରେ ଅଧିକରୁ ଅଧିକ ଚାରାରୋପଣପାଇଁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି । ଜିଲ୍ଲାଗୁଡ଼ିକରେ ଜଳବାୟୁ ଉପଯୋଗୀ ଚାରାରୋପଣ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି । ଚାରାରୋପଣ କରି ଏହାର ଫଟୋ 'ଡାଟା ମେରୀ ଲାଇଫ୍' ପୋର୍ଟାଲ୍‌ରେ ଅପ୍‌ଲୋଡ୍ କରିବାପାଇଁ କୁହାଯାଇଛି ।

ଆସନ୍ତା ସେପ୍ଟେମ୍ବର ମାସ ୧୭ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଉପଲକ୍ଷେ ରାଜ୍ୟରେ ୭୫ ଲକ୍ଷ ଚାରାରୋପଣ କରାଯିବ । ରାଜ୍ୟରେ ଚଳିତ ବର୍ଷ ସାଢ଼େ ୭ କୋଟି ଚାରାରେପାଣପାଇଁ ଲକ୍ଷ୍ୟ ରଖାଯାଇଛି ।

***Desk***

# ଆଭ୍ୟନ୍ତରୀଣ ଅଭିଯୋଗ କମିଟି

ରାଜ୍ୟର ସମସ୍ତ କଲେଜରେ ମାସକ ମଧ୍ୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି–ଆଇ.ସି.ସି. ଗଠନ ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଶ୍ରୀମତୀ ପରିଡ଼ା କହିଛନ୍ତି, ମାସକ ମଧ୍ୟରେ ସମସ୍ତ କଲେଜରେ ଆଇ.ସି.ସି. କମିଟି ଗଠନ ନ ହେଲେ କଲେଜ କର୍ତ୍ତୃପକ୍ଷଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

***Voice (Pravati Parida)*** :.........

ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ମହାବିଦ୍ୟାଳୟଗୁଡ଼ିକର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ତଥ୍ୟ ସି ବକ୍ସ ପୋର୍ଟାଲ୍‌ରେ ଅପ୍‌ଲୋଡ୍ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ବିଭାଗୀୟ ଯୁଗ୍ମ ସଚିବ ଏ ନେଇ ସମସ୍ତ ମହାବିଦ୍ୟାଳୟକୁ ଅବଗତ କରାଇଛନ୍ତି ।

*HS*

# ବିମାନସେବା

ଭୁବନେଶ୍ୱର ଓ ଝାରସୁଗୁଡ଼ା ମଧ୍ୟରେ ସିଧାସଳଖ ବିମାନ ଚଳାଚଳ ଆସନ୍ତା ୧୬ ତାରିଖରୁ ଆରମ୍ଭ ହେବ । ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି । ବିମାନସେବା ଆରମ୍ଭ ହେବାଦ୍ୱାରା ରାଜ୍ୟରେ ଯାତ୍ରୀ ପରିବହନ, ଶିଳ୍ପ ଅଭିବୃଦ୍ଧି, ପର୍ଯ୍ୟଟନ ବିକାଶ ସହ ଯୋଗାଯୋଗ କ୍ଷେତ୍ରକୁ ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି ।

*Desk*

# ଭିତରକନିକା

ଭିତରକନିକା ଜାତୀୟ ଉଦ୍ୟାନ ଆସନ୍ତାକାଲିଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲିବ। କୁମ୍ଭୀରମାନଙ୍କ ପ୍ରଜନନପାଇଁ ପ୍ରାୟ ୩ ମାସ ପାଇଁ ଉଦ୍ୟାନ ବନ୍ଦ ରହିଥିଲା । ଏ ସମ୍ପର୍କରେ ଶୁଣନ୍ତୁ ଏକ ରିପୋର୍ଟ :

ଭିତର କିନକା ଜାତୀୟ ଉଦ୍ୟାନ ଆସନ୍ତାକାଲିଠାରୁ ପର୍ଯ୍ୟଟକଙ୍କ ପାଇଁ ଖୋଲା ରହିବ । ଭିତରକନିକାରେ ଲୁଣାଜାତୀୟ ଗଛର ଚାରାକୁ ହେନ୍ତାଳବଣ ନର୍ସରୀରେ ଦେଖିବା ସହିତ ପର୍ଯ୍ୟଯକମାନେ ବୋଟ୍ ଲାଇବ୍ରେରୀରେ ବିଭିନ୍ନ ଜୀବଜନ୍ତୁ ପରିବେଶ ମଧ୍ୟରେ ବହି ପଢ଼ିବାର ସୁଯୋଗ ପାଇପାରିବେ।

ଏହାଛଡ଼ା ସଂଗ୍ରହାଳୟର ମଜା ନେବା ସହ ଭିତରକନିକାର ଡାଙ୍ଗମାଳଠାରେ ୬ଟି ଫାଇବର ବୋଟ୍‌ର ବ୍ୟବସ୍ଥା କରାଯାଇଛି । ପୂର୍ବବର୍ଷ ଭଳି ଚଳିତ ବର୍ଷ ପଲିଥିନ୍‌କୁ ବନ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ଫରେଷ୍ଟ ବ୍ଲକ୍‌ରେ ପର୍ଯ୍ୟଟକଙ୍କ ପାଇଁ ୱାଚ୍ ଟାୱାର, ସ୍କାଏ ୱାକ୍‌ର ନିର୍ମାଣ କରାଯାଇଛି । ପର୍ଯ୍ୟଟକମାନେ ପ୍ରକୃତିର ମନୋରମ ଦୃଶ୍ୟ ଉପଭୋଗ ସହ ନଦୀରେ ନୌବିହାର କରିବାର ସୁଯୋଗ ପାଇପାରିବେ ।

କୁମ୍ଭୀର ପ୍ରଜନନ ଋତୁ ପାଇଁ ଭିତରକନିକା ଜାତୀୟ ଉଦ୍ୟାନକୁ ଗତ ମଇ ମାସ ପହିଲାରୁ ଆଜି ପର୍ଯ୍ୟନ୍ତ ଦୀର୍ଘ ୩ ମାସ ଧରି ବନ୍ଦ ରଖାଯାଇଛି ।

**ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ ।**

***IPR***

## ସକ୍ଷମା

ଭୁବନେଶ୍ୱର ସତ୍ୟନଗର ସ୍ଥିତ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ କାର୍ଯ୍ୟାଳୟରେ 'ସକ୍ଷମା'ର ତୃତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜନସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଡକ୍ଟର ରେଖା ଭଗତ୍ ଯୋଗଦେଇ ରାଜ୍ୟରେ ଭିନ୍ନକ୍ଷମମାନଙ୍କୁ ଏକକ ପରିଚୟ ପତ୍ର ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏଥିସହ ସରକାରଙ୍କ ପକ୍ଷରୁ ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନାର ସୁଫଳ ପାଇବା ଉପରେ ଆଲୋକପାତ କରିଥିଲେ ।

*Nayagarh/R*

# ପ୍ରଶିକ୍ଷଣ ଶିବିର

ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ୍ ସଭାଗୃହରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାପାଇଁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଭାପୁର, ଗଣିଆ ଓ ଖଣ୍ଡପଡ଼ା ବ୍ଲକ୍‌ର ପଞ୍ଚାୟତ ନିର୍ବାହୀ ଅଧିକାରୀ ଏବଂ ଡି.ଇ.ଓ.ମାନଙ୍କୁ ତାଲିମ୍ ପ୍ରଦାନ କରାଯାଇଛି । ବିପର୍ଯ୍ୟାୟ ପରିଚାଳନାରେ ପ୍ରାକ୍ ପ୍ରସ୍ତୁତି, ପଦକ୍ଷେପ, କାର୍ଯ୍ୟଶୈଳୀକୁ ଠିକ୍ ଭାବେ ତୁଲାଇପାରିଲେ ଏହାର ସଫଳ ମିଳିପାରିବ ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଛନ୍ତି ।

*Ganjam/R*

# ଜିଲ୍ଲା ପରିଷଦ ବୈଠକ

ଗଞ୍ଜାମ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଭି. କୀର୍ତ୍ତିଭାଷନ୍ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକୁ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବାପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଛି । ବିଭିନ୍ନ ବିଭାଗର ସ୍ୱତନ୍ତ୍ର ହ୍ୱାଟ୍‌ସ୍‌ଆପ୍ ଗ୍ରୁପ୍ କରି ଲୋକଙ୍କ ଅଭିଯୋଗଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ କରିବାପାଇଁ ଜିଲ୍ଲାପାଳ ପ୍ରସ୍ତାବ ଦେଇଛନ୍ତି ।

*Deogarh/R*

## ଦକ୍ଷତା ବିକାଶ ବୈଠକ

ଦେବଗଡ଼ ଜିଲ୍ଲା ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲା ଦକ୍ଷତା ବିକାଶ ମିଶନ ବୈଠକ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଚଳିତ ବର୍ଷ ଜିଲ୍ଲାରେ ତାଲିମ୍ ଦେବାକୁ ଇଚ୍ଛୁକ ତାଲିମ ପ୍ରଦାନକାରୀ ସଂସ୍ଥାମାନେ ସେମାନଙ୍କ ଯୋଜନା ଉପସ୍ଥାପନା କରିଥିଲେ । ଜିଲ୍ଲାରେ ସୁଚାରୁରୂପେ ତାଲିମ୍ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

*Boudh/R*

## ବିକାଶମୂଳକ କାର୍ଯ୍ୟ ସମୀକ୍ଷା

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ଡକ୍ଟର ବିଜୟ କେତନ ଉପାଧ୍ୟାୟ ଦୁଇଦିନିଆ ବୌଦ୍ଧ ଜିଲ୍ଲା ଗସ୍ତ କରି ବିଭିନ୍ନ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ବିଭିନ୍ନ ବିଭାଗଦ୍ୱାରା ଚାଲିଥିବା ନିର୍ମାଣାଧୀନ ସମସ୍ତ ପ୍ରକଳ୍ପକୁ ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

*Met. O., Sambalpur/R*

# ପାଣିପାଗ

ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ୨୦ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ମୟୂରଭଞ୍ଜ, କେନ୍ଦୁଝର ଏବଂ ସୁନ୍ଦରଗଡ଼ର କେତେକ ସ୍ଥାନରେ ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି ।

ହୀରାକୁଦ ଜଳଭଣ୍ଡାରରେ ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୧୦ ଦଶମିକ ୧ ଫୁଟ ରହିଥିଲା। ପ୍ରତି ସେକେଣ୍ଡ୍‌ରେ ଜଳଭଣ୍ଡାର ମଧ୍ୟକୁ ୯୭ ହଜାର ୨୪୨ ଘନଫୁଟ ଜଳ ପ୍ରବେଶ କରୁଛି। ସେହି ସମୟ ମଧ୍ୟରେ ୪ଟି ସ୍ଲୁଇସ୍ ଗେଟ୍ ଦେଇ ୯୮ ହଜାର ୯୮ ଘନଫୁଟ ଜଳ ନିଷ୍କାସିତ ହେଉଛି।

*****